# ଓଡ଼ିଶା ହତାଶ; ଆଇଆଇଟି ପ୍ରତିଷ୍ଠା ଦାବି ପ୍ରତ୍ୟାଖ୍ୟାତ

## ପ୍ରତିବାଦରେ ଲୋକସଭାରେ ହଟ୍ଟଗୋଳ, ଏନଡିଏର କକ୍ଷତ୍ୟାଗ

ନୂଆଦିଲ୍ଲୀ, ତା ୮।୫ (ନି.ପ୍ର)– ଓଡିଶାରେ ଏକ ଆଇଆଇଟି ବା ଏହାର ଶାଖା ପ୍ରତିଷ୍ଠା ପ୍ରସ୍ତାବକୁ ଭାରତ ସରକାର ଅଗ୍ରାହ୍ୟ କରି ଦେଇଥିବା ଜଣାଯାଇଛି। କେନ୍ଦ୍ର ସରକାରଙ୍କ ନିକଟରେ ସମ୍ବଳର ଅଭାବ ଦୃଷ୍ଟିରୁ ରାଜ୍ୟରେ ଏହି ସଂସ୍ଥାନ ପ୍ରତିଷ୍ଠା ହୋଇପାରିବ ନାହିଁ ବୋଲି ଆଜି କେନ୍ଦ୍ର ମାନବସମ୍ବଳ ବିଭାଗର ରାଷ୍ଟ୍ରମନ୍ତ୍ରୀ ଡି. ପୁରନ୍ଦେଶ୍ୱରୀ **ସ୍ପଷ୍ଟ** କରିଦେଇଛନ୍ତି। ଆଜି ଲୋକସଭାରେ ଏକାଦଶ ପଞ୍ଚ ବାର୍ଷିକ ଯୋଜନାରେ ଓଡିଶାରେ ଏକ ଆଇଆଇଟି ପ୍ରତିଷ୍ଠାର ଆବଶ୍ୟକତା ଉପରେ ବିଜେଡି ନେତା ବ୍ରଜକିଶୋର ତ୍ରିପାଠୀ, ଭର୍ତ୍ତୃହରି ମହତାବ, ଅର୍ଜୁନଚରଣ ସେଠୀ ଓ ଅର୍ଚ୍ଚନା ନାୟକ ପ୍ରମୁଖ ରାଜ୍ୟର ସାଂସଦମାନଙ୍କ ଦ୍ୱାରା ଆଗତ ଏକ ଧ୍ୟାନଆକର୍ଷକ ନୋଟିସର ଉତ୍ତର ଦେଇ ଶ୍ରୀମତୀ ପୁରନ୍ଦେଶ୍ୱରୀ, କେବଳ ଆଇଆଇଟି ନୁହେଁ; କେନ୍ଦ୍ର ଆଇନ ମନ୍ତ୍ରାଳୟର ଆପତ୍ତି ପରିପ୍ରେକ୍ଷୀରେ ୟୁଜିସି କୌଣସି ସଂସ୍ଥାନ ଖୋଲିବା ପାଇଁ ସୁପାରିଶ କରିବାକୁ ଯୋଗ୍ୟ ହୋଇନଥିବାରୁ ଏହା ତରଫରୁ ଏକ ଆଇଆଇଏସଇଆର ରାଜ୍ୟରେ ପ୍ରତିଷ୍ଠା ପାଇଁ କରାଯାଇଥିବା ସୁପାରିଶକୁ ମଧ୍ୟ କେନ୍ଦ୍ର ସରକାର ନାକଚ କରିଦେଇଥିବା ଗୃହକୁ ଜଣାଇଥିଲେ।

ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କର ବିଜ୍ଞାନ ପରାମର୍ଶଦାତା ସି.ଏନ.ଆର ରାଓ ଦେଶର ପୂର୍ବ, ପଶ୍ଚିମ ଓ ଦକ୍ଷିଣାଞ୍ଚଳରେ ତିନୋଟି ଆଇଆଇଟି ପ୍ରତିଷ୍ଠା ପାଇଁ ସୁପାରିଶ କରିଥିବା ମନ୍ତ୍ରୀ ସୂଚାଇଥିଲେ। ଏହି ଅନୁଯାୟୀ ବିହାର, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶରେ ଏହି ତିନିଟି ସଂସ୍ଥା ନିର୍ମାଣ ପାଇଁ ତାଙ୍କ ମନ୍ତ୍ରାଳୟ ପକ୍ଷରୁ ସ୍ଥିର କରାଯାଇଛି। ଓଡିଶାରେ ଏହା ମଧ୍ୟରୁ ଏକ ଆଇଆଇଟି ପ୍ରତିଷ୍ଠା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଫାତ୍ମୀ ଘୋଷଣା କରିଥିବା ବିଷୟ ସେ ଅସ୍ୱୀକାର କରି ସାରିଛନ୍ତି ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ ପ୍ରକାଶ କରିଥିଲେ। ଭୁବନେଶ୍ୱରଠାରେ ଖଡଗପୁର ଆଇଆଇଟିର ଏକ ଶାଖା ନିର୍ମାଣ ପାଇଁ ଖଡଗପୁର ଆଇଆଇଟି ପକ୍ଷରୁ ଆସିଥିବା ପ୍ରସ୍ତାବକୁ ମଧ୍ୟ ତାଙ୍କର ମନ୍ତ୍ରାଳୟ ଗ୍ରହଣ କରିବା ପରିସ୍ଥିତିରେ ନଥିବା ମନ୍ତ୍ରୀ ଜଣାଇଥିଲେ। ଆଇଆଇଟିର ଏକ ଗ୍ରୀନ୍‌ଫିଲ୍ଡ ଏକ୍ସଟେନସନ ସେଣ୍ଟର ପ୍ରତିଷ୍ଠା ପାଇଁ ୫୦୦ରୁ ୭୦୦ ଏକର ଜମି ଓ ଏହାର ବିକାଶ ପାଇଁ ୧୦୦ରୁ ୧୫୦ କୋଟି ଟଙ୍କା ଓ ପୂରା କେନ୍ଦ୍ର ନିର୍ମାଣ ପାଇଁ ୧୦୦୦ କୋଟି ଟଙ୍କାର ଆବଶ୍ୟକତା ଚାଲିଥିବା ଶ୍ରୀମତୀ ପୁରନ୍ଦେଶ୍ୱରୀ କହିଥିଲେ। ଏହି ପରିମାଣର ଅର୍ଥ ଉପଲବ୍ଧ କରାଇବା ପାଇଁ ବର୍ତ୍ତମାନ ତାଙ୍କ ମନ୍ତ୍ରାଳୟ ଅସମର୍ଥ ବୋଲି ସେ ସୂଚାଇଥିଲେ। ଏହା ବ୍ୟତୀତ ବର୍ତ୍ତମାନର ଆଇଆଇଟିମାନଙ୍କରେ ଶିକ୍ଷକମାନଙ୍କର ଗୁରୁତର ଅଭାବ ନେଇ ସମସ୍ୟା ଲାଗି ରହିଥିବାବେଳେ ଆଉ ଏକ ଶାଖା ଖୋଲିବା ମଧ୍ୟ ସମୀଚୀନ ହେବ ନାହିଁ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ। ତେବେ ଭୁବନେଶ୍ୱରଠାରେ ସ୍ନାତକୋତ୍ତର ତାଲିମ ପାଇଁ ଖଡଗପୁର ଆଇଆଇଟିର ଏକ ସଂପ୍ରସାରିତ କେନ୍ଦ୍ର ଏବେ ରହିଥିବା ମନ୍ତ୍ରୀ ଗୃହକୁ ଜଣାଇଥିଲେ। ଏହା ବ୍ୟତୀତ ଆରଆରଏଲ, ବିଜୁ ପଟ୍ଟନାୟକ ଷ୍ଟିଲ ସଂସ୍ଥାନ, ଆଇଆଇଏମସି, ଆରଏମଆରଆଇ, କୌଶଲ୍ୟାଗଙ୍ଗ, ଓଲଟପୁର ଶାରୀରିକ ଅକ୍ଷମ କେନ୍ଦ୍ର, ଜାତୀୟ ଧାନ ଗବେଷଣା କେନ୍ଦ୍ର, ହୋଟେଲ ମ୍ୟାନେଜମେଣ୍ଟ ସଂସ୍ଥାନ, ଫାର୍ମାସୀ କେନ୍ଦ୍ର ଆଦି କେନ୍ଦ୍ର ସରକାରଙ୍କ ସଂସ୍ଥା ମାନ ଓଡିଶାରେ ରହିଥିବାବେଳେ ବ୍ରହ୍ମପୁର, ଫକିର ମୋହନ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଓ କିଟ୍ ଆଦି ଅନୁଷ୍ଠାନକୁ କେନ୍ଦ୍ର ସରକାର ଅନୁଦାନ ଯୋଗାଇ ଦେଉଥିବା ଶ୍ରୀମତୀ ପୁରନ୍ଦେଶ୍ୱରୀ ଉଲ୍ଲେଖ କରିଥିଲେ।

ମନ୍ତ୍ରୀଙ୍କର ଉତ୍ତରରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଗୃହରେ ଉପସ୍ଥିତ ଥିବା

● ପୃଷ୍ଠା ୨ ଦେଖନ୍ତୁ